# ରାଉରକେଲା ମହାନଗର ନିଗମ, ରାଉରକେଲା

ଉଦିତନଗର, ରାଉରକେଲା, ୭୬୯୦୧୨, ଦୂରଭାଷ: : (୦୬୬୧-୨୫୦୦୩୮୮)


ଚିଠି ସଂଖ୍ୟା: 11632 ତାରିଖ: 03-10-2023

## ଷ୍ଟ୍ରୀଟ୍ ଭେଣ୍ଡର/ରାସ୍ତା ପାର୍ଶ୍ୱ ବିକ୍ରେତା/ଉଠା ଦୋକାନୀ ମାନଙ୍କ ନିମନ୍ତେ ଜରୁରୀ ସୂଚନା

ଏତ ଦ୍ୱାରା ରାଉରକେଲା ମହାନଗର ନିଗମ ଅଧୀନରେ ପଞ୍ଜୀକୃତ ଓ ନୂତନ ଭାବେ ପଞ୍ଜୀକରଣ କରିବାକୁ ଚାହୁଁଥିବା ସମସ୍ତ ଷ୍ଟ୍ରୀଟ୍ ଭେଣ୍ଡର/ରାସ୍ତା ପାର୍ଶ୍ୱ ବିକ୍ରେତା/ଉଠା ଦୋକାନୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ନିମ୍ନଲିଖିତ ଫର୍ମ ଦାଖଲ କରିବାର ଶେଷ ତାରିଖ ତା ୧୮-୧୦-୨୦୨୩ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି । ତେଣୁ

- ଯେଉଁ ମାନଙ୍କର ପୂର୍ବରୁ ଷ୍ଟ୍ରୀଟ୍ ଭେଣ୍ଡର/ରାସ୍ତା ପାର୍ଶ୍ୱ ବିକ୍ରେତା/ଉଠା ଦୋକାନୀ ପରିଚୟ ପତ୍ର ଅଛି, ସେମାନେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଉଦିତନଗର ଠାରେ ଷ୍ଟ୍ରୀଟ ଭେଣ୍ଡର ମାନଙ୍କ ନିମନ୍ତେ କରାଯାଇଥିବା ସ୍ୱତନ୍ତ୍ର କାର୍ଯ୍ୟାଳୟକୁ ଆସି **'Know Your Street Vendor (KYSV)'** ଫର୍ମ ସଂଗ୍ରହ କରି ଆବଶ୍ୟକୀୟ ଦସ୍ତାବିଜ୍ ସହିତ ଦାଖଲ କରିବା ପାଇଁ ଅନୁରୋଧ ।

- ନୂତନ ଷ୍ଟ୍ରୀଟ୍ ଭେଣ୍ଡର/ରାସ୍ତା ପାର୍ଶ୍ୱ ବିକ୍ରେତା/ଉଠା ଦୋକାନୀ ମାନଙ୍କୁ ମଧ ପଞ୍ଜୀକୃତ ହେବା ପାଇଁ ମଧ **Letter of Recommendation (LoR)** ଫର୍ମ ସଂଗ୍ରହ କରି ଆବଶ୍ୟକୀୟ ଦସ୍ତାବିଜ୍ ସହିତ ନିର୍ଦ୍ଧାରିତ ତାରିଖ ଭିତରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଅଛି ।

ପୂର୍ବରୁ ପଞ୍ଜୀକୃତ ହୋଇଥିବା ଷ୍ଟ୍ରୀଟ୍ ଭେଣ୍ଡର/ରାସ୍ତା ପାର୍ଶ୍ୱ ବିକ୍ରେତା/ଉଠା ଦୋକାନୀ ମାନେ ଯଦି ନିର୍ଦ୍ଧାରିତ ତାରିଖ ଭିତରେ ଫର୍ମ ସହିତ ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ ନ କରନ୍ତି, ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ସେମାନଙ୍କର ପଞ୍ଜୀକରଣ ରଦ୍ଦ କରିବା ପାଇଁ ବାଧ ହେବ । ଆବଶ୍ୟକ ହେଉଥିବା ସମସ୍ତ ଦସ୍ତାବିଜ୍ ର ବିବରଣୀ ନିର୍ଦ୍ଧାରିତ ଫର୍ମ ରେ ଉଲ୍ଲେଖ ଅଛି । ଏହି ବିଜ୍ଞାପନ ର ବିସ୍ତୃତ ସୂଚନା ଓ ଆବଶ୍ୟକୀୟ ଫର୍ମ **https://rmc.nic.in/** ୱେବ୍ ସାଇଟ୍ ରେ ମିଳିପାରିବ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ
Municipal Commissioner
Rourkela Municipal Corporation

ପରିପତ୍ର ସଂଖ୍ୟା : 11633 ତାରିଖ: 03-10-2023

- ଏହି ବିଜ୍ଞପ୍ତିର ଏକ କିତା ନକଲ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।
- ଏହି ବିଜ୍ଞପ୍ତିର ଏକ କିତା ନକଲ ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।
- ଏହାର ଏକ କିତା ନକଲ **MIS Programmer, www.rmc.in** ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ
Municipal Commissioner
Rourkela Municipal Corporation